# ଗିରିଧର ଗୋପାଳ

ଗିରିଧର ଗୋପାଳ
ଲଗା କାଳିଆ
ଗୋପୀ ପ୍ରେମ ପାଗଳ
ତୁଚ୍ଛା ଛଳିଆ ।

ନନ୍ଦ ଘରେ ହେଲୁ କାହ୍ନା
ଦହିଖିଆ
ରାଧା ପାଶେ ମନଚୋର
ତୁ ନଟିଆ ।

ଗୋପୀ ପ୍ରାଣ ବାନ୍ଧବ
ତୁ ବନମାଳୀ
ସଖା ପ୍ରାଣଧନ ଧବ
ବ୍ରଜବାଳୀ ।

ଗୋପ ରଖି ହେଲୁ
ଗୋବର୍ଦ୍ଧନ ଧାରୀ
ମାନ ରଖି ମାନ
ଭଞ୍ଜନ ମୁରାରୀ ।

କଂସାସୁର ବୈରୀ
ତୁମେ ନବଘନ
ବକା, ଶକଟା ତୃଣା
ରଣେ ନିଧନ ।

ବୃନ୍ଦାବନ ଧନ
ଗୋପୀ ପ୍ରାଣ ନାହା
ରାଧା ମନ ଚୋର
ଯମୁନା ତଟିଆ ।

ଭାବକୁ ନିକଟ
ମନ୍ଦାର ମାଳିଆ
ଲକ୍ଷ୍ମୀ ପ୍ରାଣଧନ
ହେ ଜଗାକାଳିଆ ।

ଗିରିଧର ଗୋପାଳ
ଜଗା କାଳିଆ
ରାଧା ମନ ଚୋର
ମୟୂର ଚୂଳିଆ ।

କବି ମାନସେ ବିହର
ଭାବ ଭୋଳା
ସଂସାର ତାରଣ
ପ୍ରଭୁ ନନ୍ଦବଳା ।

❋❋❋